RNI No.ODIODI/2010/33031
୧୭ ବର୍ଷ Volume-17
ISSUE -64 ସଂଖ୍ୟା-୬୪
ଭୁବନେଶ୍ୱର, ସୋମବାର ୧୮ ମଇ ୨୦୨୬
Bhubaneswar, Monday 18 May, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଓଡିଶାର ଅର୍ଥନୈତିକ ବିକାଶର ପ୍ରମୁଖ ସ୍ତମ୍ଭ ଓଏମ୍‌ସି

ଭୁବନେଶ୍ୱର,୧୭।୫: ବର୍ତ୍ତମାନ ବିଶ୍ୱ ବଜାରରେ ଲୁହାପଥର, ବକ୍ସାଇଟ୍, କ୍ରୋମାଇଟ୍ ଭଳି କଞ୍ଚାମାଲର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଓଡିଶା ଖଣି ନିଗମ ଏହି ବର୍ଦ୍ଧିତ ଚାହିଦାକୁ ନିରନ୍ତର ଭାବେ ପୂରଣ କରିବା ସହିତ ରାଜ୍ୟର ଶିଳ୍ପାୟନ ଓ ଅର୍ଥନୈତିକ ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଓଡିଶା ଖଣି ନିଗମର ୭୧ତମ ପ୍ରତିଷ୍ଠା ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି।

ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ୬୦ ଦଶକରେ ମାତ୍ର ୧ କୋଟି ଟଙ୍କାର ଆର୍ଥିକ କାରବାରରୁ ଯାତ୍ରା ଆରମ୍ଭ କରିଥିବା ଓଏମ୍‌ସି ୨୦୨୫-୨୬ ଆର୍ଥିକ ବର୍ଷରେ ୨୫ ହଜାର କୋଟି ଟଙ୍କାର କାରବାର କରିଛି। ଏଥି ସହିତ ୪୫ ନିୟୁତ ଟନ ଖଣିଜ ଉତ୍ତୋଳନ ଜରିଆରେ ସର୍ବକାଳୀନ ରେକର୍ଡ ସୃଷ୍ଟି କରି ଦେଶର ଏକ ଅଗ୍ରଣୀ ଖଣି ସଂସ୍ଥା ଭାବେ ପ୍ରତିଷ୍ଠା ହାସଲ କରିଛି। ଏବେ ସମୟ ଆସିଛି, ଓଡିଶା ଖଣି ନିଗମ ତାର କାର୍ଯ୍ୟ ପରିସରକୁ ଆହୁରି ବ୍ୟାପକ କରି, ଦେଶର ଅନ୍ୟାନ୍ୟ ରାଜ୍ୟରେ ଖଣି ଭିତ୍ତିକ କାର୍ଯ୍ୟକଳାପ ଆରମ୍ଭ କରିବା ପାଇଁ। ଆହୁରି ମଧ୍ୟ ଓଡିଶା ଖଣି ନିଗମ ପାଖରେ ପ୍ରଚୁର କଞ୍ଚାମାଲ ଉପଲବ୍ଧ ଅଛି। ଖଣି ଭିତ୍ତିକ କାର୍ଯ୍ୟକଳାପ ସହିତ ଶିଳ୍ପାୟନ ପ୍ରତି ଦୃଷ୍ଟିଦେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

ସେ ପୁଣି କହିଥିଲେ, ଦୀର୍ଘ ସାତ ଦଶନ୍ଧିରୁ ଅଧିକ ସମୟ ଧରି ଓଏମ୍‌ସି କେବଳ ଏକ ବ୍ୟବସାୟିକ ସଂସ୍ଥା ଭାବେ ନୁହେଁ, ବରଂ ଓଡିଶାର ଅର୍ଥନୈତିକ ବିକାଶର ଏକ ପ୍ରମୁଖ ସ୍ତମ୍ଭ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ନିଗମ ତାର ଲାଭାଂଶର ଏକ ସିଂହଭାଗ ରାଜ୍ୟ ସରକାରଙ୍କୁ ନିୟମିତ ଭାବେ

ପ୍ରଦାନ କରିଆସୁଛି। ରାଜ୍ୟରେ ମୂଲ୍ୟବାନ୍ ଖଣିଜ ସମ୍ପଦକୁ ଦାୟିତ୍ୱପୂର୍ଣ୍ଣ ଭାବରେ ବ୍ୟବହାର କରି ଓଏମ୍‌ସି ଆଜି ରାଜ୍ୟ ଓ ଦେଶର ସମୃଦ୍ଧିରେ ଅତୁଳନୀୟ ଅବଦାନ ରଖୁଛି। କେନ୍ଦୁଝର ଜିଲ୍ଲାର ବାଙ୍ଗୁର କ୍ରୋମାଇଟ୍ ଖଣିରୁ ପ୍ଲାଟିନମ୍ ଗ୍ରୁପ୍ ଏଲିମେଣ୍ଟ ଉତ୍ତୋଳନ କରିବାରେ ଓଏମ୍‌ସି ଏହାର ପାଇଲଟ୍ ପ୍ଲାଣ୍ଟର ସଫଳ ପରୀକ୍ଷଣ କରିଛି। ଏହାଦ୍ୱାରା ଓଡିଶାରେ କ୍ଲିନ୍ ଏନର୍ଜି, ଇଲେକ୍ଟ୍ରୋନିକ୍ସ ଓ ଆଧୁନିକ ମୋଟର ଗାଡି ନିର୍ମାଣ ପାଇଁ ମୌଳିକ ଧାତୁ ଯୋଗାଇ ଦେବାରେ ଓଏମ୍‌ସି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ୨୦୩୬ ସମୃଦ୍ଧ ଓଡିଶା ପରିକଳ୍ପନାକୁ ସାକାର କରିବାରେ ଓଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ।

ସେ ଆହୁରି କହିଥିଲେ, ପରିବେଶ ସୁରକ୍ଷା, ସୁରକ୍ଷିତ ଖଣି ପରିଚାଳନା ଏବଂ ଖଣି ଅଞ୍ଚଳର ସାମଗ୍ରିକ ବିକାଶ ଦିଗରେ ଓଏମ୍‌ସି ନିରନ୍ତର ଉଦ୍ୟମ ଜାରି ରଖିଛି। ସିଏସଆର୍ ପଦକ୍ଷେପ ମାଧ୍ୟମରେ ଖଣି ଅଞ୍ଚଳ ଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ମହିଳା ସଶକ୍ତିକରଣ, କ୍ରୀଡା, ଭିତ୍ତିଭୂମି ବିକାଶ ଦିଗରେ ଅନେକ କାର୍ଯ୍ୟକ୍ରମ ଜରିଆରେ ସ୍ଥାନୀୟ ଅଞ୍ଚଳରେ ସକରାତ୍ମକ ପରିବର୍ତ୍ତନ ଆଣିଛି। ମେସିନ୍ ସହିତ ସ୍ଥାନୀୟ ବାସିନ୍ଦାଙ୍କୁ ଖଣି କ୍ଷେତ୍ରରେ ଅଧିକ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିଗମକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସ୍ଥାନୀୟ ବାସିନ୍ଦାଙ୍କର ଜୀବନ ଜୀବିକା ଆହୁରି ସୁଦୃଢ ହେବ ବୋଲି ସେ ମତ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କାଳିଆପାଣି ଠାରେ ନବନିର୍ମିତ ଓଡିଶା ମାଇନିଂ ଆଦର୍ଶ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ, ଖଣି ଅଞ୍ଚଳ ବାସୀଙ୍କ ପାଇଁ ୮ଟି ଅତ୍ୟାଧୁନିକ ଈବବ୍ଧସମ ଖସଲର ଝଙ୍କକ୍ଳୁକ୍ଳଙ୍କବ୍ଧ ଇଞ୍ଜଭଙ୍କକ୍ଷବଭମର, ସମନ୍ୱିତ ପରିଚାଳନା ଓ ଅନୁଧ୍ୟାନ କେନ୍ଦ୍ର ଏବଂ ଓ-ସ୍ୱାସ୍ଥ୍ୟ ନାମକ ଏକ ଡିଜିଟାଲ୍ ସ୍ୱାସ୍ଥ୍ୟ ପରିଚାଳନା ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ। ଏଥି ସହିତ ଶ୍ରେଷ୍ଠ ପ୍ରଦର୍ଶନକାରୀ ଖଣି ଓ ରିଜିଅନ୍ କୁ ପୁରସ୍କୃତ କରିଥିଲେ।

କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ଡି.କେ ସିଂହ ଓଡିଶାରେ ଶିଳ୍ପ କ୍ଷେତ୍ରର ଅଭିବୃଦ୍ଧି ଦିଗରେ ଓଏମ୍‌ସିର ଅତୁଳନୀୟ ଯୋଗଦାନ ରହିଛି ବୋଲି ଉଲ୍ଲେଖ କରି ଓଏମ୍‌ସି ଦ୍ୱାରା ପରିଚାଳିତ ଖଣି ଖାଦାନ ଗୁଡିକ କିଭଳି ରାଜ୍ୟ ଓ ଦେଶର ବିକାଶ କ୍ଷେତ୍ରରେ ଅଧିକ ଉପଯୋଗୀ ହେବ ସେଥିପ୍ରତି ଦୃଷ୍ଟି ଦେବା ପାଇଁ କହିଥିଲେ।

ଓଡିଶା ଖଣି ନିଗମର ଅଧ୍ୟକ୍ଷ ଶ୍ରୀ ଗିରିଶ୍ ଏସ୍.ଏନ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁଧାଂଶୁ ମୋହନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

ବାଣିଜ୍ୟିକ ଜାହାଜକୁ ଟାର୍ଗେଟ ନେଇ ଜାତିସଂଘରେ ଚିନ୍ତା ପ୍ରକଟ କଲା ଭାରତ

ନୂଆଦିଲ୍ଲୀ: ହର୍ମୁଜ ପ୍ରଣାଳୀରେ ବାଣିଜ୍ୟିକ ଜାହାଜକୁ ଟାର୍ଗେଟ କରାଯିବାକୁ ନେଇ ଭାରତ ଜାତିସଂଘରେ ଚିନ୍ତା ପ୍ରକଟ କରିଛି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପର୍ବତନେନି ହରିଶ୍ ? ହର୍ମୁଜ ପ୍ରଣାଳୀରେ ନାବିକଙ୍କ ଜୀବନ ବିପଦରେ ପକାଇ ଓ ନୌଚାଳନା ସ୍ୱାଧୀନତାରେ ବାଧା ସୃଷ୍ଟି କରି ବାଣିଜ୍ୟିକ ଜାହାଜକୁ ଟାର୍ଗେଟ କରାଯିବା ଗ୍ରହଣଯୋଗ୍ୟ ନୁହେଁ ବୋଲି କହିଛନ୍ତି।

ଜାହାଜଗୁଡିକର ସୁରକ୍ଷିତ ପରିଚାଳନା ନେଇ ଅନ୍ତର୍ଜାତୀୟ ନିୟମକୁ ପୂର୍ଣ୍ଣ ସମ୍ମାନ ଦେବାକୁ ସେ କହିଥିଲେ। ଓମାନ ଉପକୂଳରେ ଭାରତୀୟ ଜାହାଜ ଉପରେ ଆକ୍ରମଣ ପରେ ଜାତିସଂଘ ଅର୍ଥନୀତି ଓ ସାମାଜିକ ପରିଷଦର ସ୍ୱତନ୍ତ୍ର ବୈଠକରେ ଭାରତ ଏହି ମତ ରଖିଛି। ସୋମାଲିଆରୁ ଆସୁଥିବା ଭାରତୀୟ ଜାହାଜର ସମସ୍ତ ୧୪ କୁ ସଦସ୍ୟଙ୍କୁ ଓମାନ କର୍ତ୍ତୃପକ୍ଷ ଉଦ୍ଧାର କରିଥିଲେ। କିନ୍ତୁ କିଏ ଭାରତୀୟ ଜାହାଜ ଉପରେ ଆକ୍ରମଣ କରିଥିଲା ତାହା ଜଣାପଡିନାହିଁ। ଜାତିସଂଘରେ ଭାରତରେ ଅଭିମୁଖ୍ୟ ସମ୍ପର୍କରେ ହରିଶ ତାଙ୍କ 'ଏକ୍ସ' ଆକାଉଣ୍ଟରେ ମଧ୍ୟ ସୂଚନା ଦେଇଛନ୍ତି।

ପୁଲିସ୍ ଉପରକୁ ଗୁଳି କରି ଗୁଳି ଖାଇଲା

ସମ୍ବଲପୁର : ସମ୍ବଲପୁର ଜିଲ୍ଲା ବୁର୍ଲାରେ ପୁଲିସର ଏନକାଉଣ୍ଟର। କୁଖ୍ୟାତ ଅପରାଧୀ ମନୀଷ ସାହୁଙ୍କ ଗୋଡ଼ରେ ବାଜିଛି ଗୁଳି। ତାକୁ ବୁର୍ଲା ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷରେ ମନୀଷର ୩ ଜଣ ସହଯୋଗୀଙ୍କୁ ଗିରଫ କରିଛି ପୁଲିସ।

ଆଜି ସକାଳ ପ୍ରାୟ ୫ଟା ବେଳେ ବୁର୍ଲା ଥାନା ପୁଲିସ ପ୍ଲାନେଟୋରିୟମ୍ ଛକ ନିକଟରେ ଯାନବାହନ ଯାଞ୍ଚ କରୁଥିଲା। ସେହି ସମୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପଟୁ ଆସୁଥିବା ଏକ କାରକୁ ଅଟକିବା ପାଇଁ ସଙ୍କେତ ଦେଇଥିଲା ପୁଲିସ। କିନ୍ତୁ ଡ୍ରାଇଭର ଗାଡ଼ିକୁ ରାଇଟ୍ ଡାଇକ୍ ରୋକ୍‌କୁ ନେଇ ପଳାଇଯାଇଥିଲା। ପରେ ପୁଲିସ ଫିସରୀ ଛକ ନିକଟରେ ଗାଡ଼ିକୁ ଅଟକାଇଥିଲା।

ମନୀଷ ଗାଡ଼ିରୁ ବାହାରି ପୁଲିସ ଉପରକୁ ୩ ରାଉଣ୍ଡ ଗୁଳି ଚଳାଇଥିଲା। ପୁଲିସ ଏହାର ପାଲଟା ଜବାବ ଦେଇଥିଲା। ପୁଲିସ ୨ ରାଉଣ୍ଡ ଗୁଳି ଚଳାଇଥିଲା। ପୁଲିସ୍‌ର ଗୁଳି ମନୀଷର ଡାହାଣ ଗୋଡରେ ବାଜିଥିଲା। ତା'ପରେ ପୁଲିସ ତାକୁ କାବୁ କରିଥିଲା ଓ ବୁର୍ଲା ବଡ ଡାକ୍ତରଖାନାକୁ ନେଇଥିଲା। ତା' ସହିତ ମନୀଷର ୩ ଜଣ ସହଯୋଗୀଙ୍କୁ ଗିରଫ କରିଛି ପୁଲିସ।

ଘଟଣାସ୍ଥଳରୁ ପୁଲିସ ଗୋଟିଏ ଦେଶୀ ପିସ୍ତଲ, ଗୋଟିଏ ଗୁଳି, ୫ଟି ମୋବାଇଲ ଫୋନ, ଗୋଟିଏ କାର ଓ ୧୦ଟି କାର୍ଟୁନରେ ଥିବା ୧୨୦୦ ବୋତଲ କଫ୍ ସିରପ ଜବତ କରିଛି। ମନୀଷ ସାହୁ ବିରୋଧରେ ୨୦୧୭ ରୁ ୨୦୨୬ ମଧ୍ୟରେ ମୋଟ ୧୪ଟି ମାମଲା ରହିଛି । ହତ୍ୟା ଉଦ୍ୟମ, ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ରଖିବା ଭଳି ଅନେକ ଗୁରୁତର ଧାରାରେ ତା' ନାଁରେ ମାମଲା ରୁଜୁ ହୋଇଛି।

ପଥର ଖଣିରୁ ମିଳିଲା ୨ ଦିନ ହେଲା ନିଖୋଜ ଥିବା ଯୁବକଙ୍କ ମୃତଦେହ

ନୟାଗଡ: ନୟାଗଡ ଜିଲ୍ଲା ଚାନ୍ଦପୁର ଥାନା ଅନ୍ତର୍ଗତ ନୂଆପଡା ପଥର ଖଣିରୁ ମିଳିଲା ଜଣେ ନିଖୋଜ ଯୁବକଙ୍କ ମୃତଦେହ। ମୃତ ଯୁବକଙ୍କ ନାଁ ପ୍ରତାପ କୁମାର ପାଇଶାଣୀ ଓରଫ ବାପୁ। ତାଙ୍କ ଘର ନୂଆପଡା ଗାଁରେ।

ତାଙ୍କୁ ୩୪ ବର୍ଷ ହୋଇଥିଲା। ମେ' ୧୫ ତାରିଖରୁ ସେ ନିଖୋଜ ଥିଲେ। ପରିବାର ଲୋକେ ବହୁତ ଖୋଜାଖୋଜି କରିବା ସତ୍ତ୍ୱେ ତାଙ୍କ ପତ୍ତା ପାଇନଥିଲେ। ଆଜି ତାଙ୍କର ମୃତ ଦେହ ଗ୍ରାମ ନିକଟସ୍ଥ ଏକ ପଥର ଖଣିରୁ ମିଳିଛି। ତାଙ୍କ ଶରୀରରେ କ୍ଷତ ଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଖବର ପାଇ ଚାନ୍ଦପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲା। ପୁଲିସର ତଦନ୍ତ ଜାରି ରହିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରତାପଙ୍କ ମୃତ୍ୟୁର କାରଣ ଜଣାପଡିବ।

ବଅଁରପାଳ ଡକାୟତି ମାମଲା : ୫ ଦୁର୍ଦ୍ଧାନ୍ତ ଡକାୟତ ଗିରଫ

ଅନୁଗୋଳ ପୋଲିସର ବଡ଼ ସଫଳତା

ଅନୁଗୋଳ,୧୭।୪ : ଗତ ୧୧ ତାରିଖ ବଅଁରପାଳ ଥାନା ଏରିଆ ରେ ସଂଗଠିତ ଏକ ଡକାୟତି ମାମଲାର ପର୍ଦ୍ଦାଫାସ କରିଛି ଅନୁଗୋଳ ଜିଲ୍ଲା ପୋଲିସ। ଏକ ସାମ୍ବାଦିକ ସମ୍ମିଳନୀ ରେ ପୋଲିସ ସବିଶେଷ ତଥ୍ୟ ପ୍ରକାଶ କରିଛି। ସାମ୍ବାଦିକ ସମ୍ମିଳନୀ ରେ ଏସପି ରାହୁଲ ଜୈନ, ଏସଡିପିଓ ରମାକାନ୍ତ ମହାଳିକ, ବଅଁରପାଳ ଥାନା ଆଇଆଇସି ଦୁଷ୍ମନ୍ତ କୁମାର ସିଂହ, ତଦନ୍ତକାରୀ ଅଫିସର ଏସଆଇ ଅମିତ୍ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୋଲିସ ସୂତ୍ର ରୁ ପ୍ରକାଶ ଯେ ସିଏମ୍ ଇନ୍‌ଫୋ ସିଷ୍ଟମ ର କର୍ମଚାରୀ ବିଭିନ୍ନ ସଂସ୍ଥାରୁ ଟଙ୍କା

ସଂଗ୍ରହକରି ତାଳଚେର କୁ ବ୍ୟାଙ୍କ୍ ଡିପୋଜିଟ୍ କରିବା ପାଇଁ ଯାଉଥିବା ବେଳେ ନାରାୟଣଚନ୍ଦ୍ରପୁର ଶାଳଗାଡ଼ିଆ ରାସ୍ତାରେ ଦୁଇ ଜଣ ବାଇକ୍ ରେ ଆସି ପାପୁନ୍ କୁ ରୋକି ଥିଲେ। ସେ ଦୁହେଁ ପାପୁନ ଙ୍କୁ ଧକ୍କା ଦେଇ ତଳେ ପକାଇ ଦେବା ସହ ଟଙ୍କା ବ୍ୟାଗ୍ ଧରି ଚଂପଟ ମାରିଥିଲେ। ପାପୁନ ଘଟଣା ନେଇ ତୁରନ୍ତ ଥାନାକୁ ଜଣାଇଥିଲେ। ଏହାପରେ ଏସପି ରାହୁଲ ଜୈନ ନିର୍ଦ୍ଦେଶ ରେ ଦଶ ଜଣିଆ ଟିମ୍ ଗଠନ କରାଯିବା ସହ ସାଇବର ବିଶେଷଜ୍ଞ ଏବଂ ଗୋଇନ୍ଦା ଅଧିକାରୀ

ମାନଙ୍କ ସହାୟତା ନିଆ ଯାଇଥିଲା। ପୋଲିସ ପ୍ରଥମେ ବିଭିନ୍ନ ଏରିଆ ର ସିସିଟିଭି ଫୁଟେଜ କୁ ବିଶ୍ଳେଷଣ କରି ଡକାୟତ ଙ୍କ ଗାଡ଼ି ର ସନ୍ଧାନ ପାଇଥିଲା। ଏହାପରେ ଅସଲ ଅପରାଧୀମାନଙ୍କୁ ଧରିବା ପାଇଁ ଜାଲ ବିଛାଇ ଥିଲା। ଛାନଭିନ ର ଛ ଦିନ ପରେ ପୋଲିସ କୁ ବଡ଼ ସଫଳତା ମିଳିଥିଲା। ଡକାୟତି ଗ୍ୟାଙ୍ଗ ରେ ଜଡ଼ିତ ଦୁଇଟି ଟିମ୍ ର ସମସ୍ତ ସଦସ୍ୟ ମାନଙ୍କୁ ପୋଲିସ ଧରି ନେଇଥିଲା। ଗିରଫ ଡକାୟତ ମାନେ ହେଲେ ରାଜେନ୍ଦ୍ର ପରିଡ଼ା, ସୁଜିତ୍ କୁମାର ନାଏକ, ଡାକ୍ତର ପରିଡ଼ା, ଭାଗବତ ପୂର,ବଅଁରପାଳ, ସଚିନ ସେଠୀ, ତଳମୂଳ, ରୁଦ୍ର ନାରାୟଣ ନାଏକ, କୁସୁନ,ବଅଁରପାଳ।ରାଜେନ୍ଦ୍ର ଠାରୁ ନଗଦ ୬ ଲକ୍ଷ ଟଙ୍କା,ସୁଜିତ୍ ଠାରୁ ୫,୫୨,୪୨୦,,

ଡାକ୍ତର ଠାରୁ ନଗଦ ୨,୪୫,୦୦୦, ସଚିନ ଠାରୁ ୩୦ ହଜାର ଓ ରୁଦ୍ର ଠାରୁ ୫୮,୫୦୦ ଟଙ୍କା ଉଦ୍ଧାର କରାଯାଇଥିଲା।ଡକାୟତି ହୋଇଥିବା ମୋଟ ୧୫,୮୪,୩୮୫ ଟଙ୍କା ମଧ୍ୟରୁ ୧୪,୮୫,୯୨୦ ଟଙ୍କା ପୋଲିସ ଜବତ୍ କରି ପାରିଥିଲା।ଏହାଛଡ଼ା ଡକାୟତି ରେ ବ୍ୟବହୃତ ବାଇକ୍ ଓ ବିଭିନ୍ନ ମାରଣାସ୍ତ୍ର ପୋଲିସ ଜବତ୍ କରିଥିଲା।ଗିରଫ ବ୍ୟକ୍ତି ମାନେ ପୂର୍ବରୁ ମଧ୍ୟ ବିଭିନ୍ନ ଅପରାଧ ରେ ଜଡ଼ିତ ବୋଲି ପୋଲିସ ପ୍ରକାଶ କରିଛି। ଅନୁଗୋଳ ଜିଲ୍ଲା ପୋଲିସ ର ସାଙ୍ଗଠନିକ ଦକ୍ଷତା ଓ ତତ୍ପରତା ଯୋଗୁଁ ଡକାୟତି ଗ୍ୟାଙ୍ଗ କୁ ଧରାଯାଇ ପାରିଲା ବୋଲି ସାଧାରଣରେ ପୋଲିସ କୁ ପ୍ରଶଂସା କରାଯାଉଛି।

ଟ୍ରଲର-କାର ମୁହାଁମୁହିଁ ଧକ୍କା

ଘଟଣା ସ୍ଥଳରେ ରେ ଦୁଇ ମୃତ, ତିନି ଗୁରୁତର

ନବରଙ୍ଗପୁ,୧୭।୫(ନି.ପ୍ର.): ଜାଗା ଦର୍ଶନ ହେଲା ଶେଷ ଦର୍ଶନ । ମା ଝିଅ ମୃତ । ଗୋଟିଏ ପରିବାର ର ସମସ୍ତ ସଦସ୍ୟ ପୁରୀ ଜାଗା ଦର୍ଶନ କରି ଫେରୁଥିବା ବେଳେ ଦୁର୍ଘଟଣା ନେଲା ଜୀବନ । ସଡକ ଦୁର୍ଘଟଣା ରେ ଚାଲିଗଲା ଦୁଇ ନିରୀହ ଜୀବନ। ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ନିକଟସ୍ଥ ପ୍ରଧାନୀଗୁଡା ନିକଟ ଛକ ରେ ଟ୍ରଲର ଏବଂ କାର ମୁହାଁ ମୁହିଁ ଧକ୍କା ହୋଇ ଦୁଇ ମା ଓ ଝିଅ ଙ୍କ ମୃତ୍ୟୁ ଘଟିବା ସହ ତିନି ଗୁରୁତର ହୋଇଛନ୍ତି । ଏକ ପାଇପ ବୋଝେଇ

ଟ୍ରକ ପାପଡାହାଣ୍ଡି ରୁ କଳାହାଣ୍ଡି ଅଭିମୁଖେ ଯାଉଥିବା ବେଳେ କାର ଟି ପୁରୀ ରୁ ନବରଙ୍ଗପୁର ଅଭିମୁଖେ ଫେରୁଥିଲା । କାର ରେ ୫ ଜଣ ଆରୋହି ଥିଲେ । ତେବେ ପ୍ରଧାନୀଗୁଡା ନିକଟସ୍ଥ ରାଜାମାଟୁ ଛକରେ ଉଭୟ ମୁହାଁ ମୁହିଁ ଧକ୍କା ହେବା ଫଳରେ କାର ରେ ଥିବା ଦୁଇ ଜଣ ଙ୍କ ମୃତ୍ୟୁ ଘଟିଛି । ଏବଂ ଅନ୍ୟ ତିନି ଜଣ ଗୁରୁତର ହୋଇଛନ୍ତି । ଖବର ପାଇ ପାପଡାହାଣ୍ଡି ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣା ସ୍ଥଳ ରେ ପହଞ୍ଚି ଉଦ୍ଧାର କରିବା ସହିତ ଗୁରୁତର ମାନଙ୍କୁ ପାପଡାହାଣ୍ଡି ମେଡିକାଲ କୁ ସ୍ଥାନାନ୍ତର କରିଛନ୍ତି । ପରେ ସେମାନଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଉଛି,ତେବେ ଆହତ ତିନି ଜଣଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଥିବା ସୂଚନା ମିଳିଛି । ଝ ସୌମ୍ୟା, ମଷ କମଲେସ, ମଷ ଉଷାରାଣୀ , ୟୁ ରାଜ ଶେଖର ଗୁରୁତର ଥିବା ନେଇ ସୂଚନା ମିଳିଛି । ମୃତକ ଙ୍କ ପରିଚୟ ହେଲା ସମ୍ୟା ଏବଂ ଉଶାରାଣୀ ବୋଲି ଜଣାପଡ଼ିଛି । ନବରଙ୍ଗପୁର ପୂଜାରୀ ସାହିର ସୌମ୍ୟା ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର ୟୁ ରାଜ ଶେଖର ଙ୍କୁ ବିବାହ କରିଥିଲେ । ତେବେ ମଷ କମଲେସ, ମଷ ଉଷାରାଣୀ ବିଶାଖାପାଟଣା ଯାଇଥିବା ବେଳେ ସେଠାରୁ ସମସ୍ତେ ମିଶି ପୁରୀ ଜଗା ଦର୍ଶନ ପାଇଁ ଯାଇଥିଲେ । ଏବଂ ଦର୍ଶନ ସାରି ନବରଙ୍ଗପୁର କୁ ଫେରୁଥିବା ବେଳେ ଦୁର୍ଘଟଣା ର ଶୀକାର ହୋଇଥିଲା ଏବଂ ମା ଓ ଝିଅ ଙ୍କ ମୃତ୍ୟୁ ଘଟିଥିଲା ।

ଫାଇଲ୍ ତଳେ ୬ କୋଟିର ପୋଲ,ପ୍ରଶାସନର ମିଛ ପ୍ରତିଶ୍ରୁତି !

ଏବେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ଗୋପିସାହି ବାସୀ !

କୋଇଡା,୧୭।୦୫(ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ ମାଲଦା ପଞ୍ଚାୟତ ଅନ୍ତର୍ଗତ ଗୋପିସାହି ବାସିନ୍ଦାଙ୍କ ପାଇଁ ବର୍ଷା ଦିନ ସାଜିଛି ସବୁଠୁ ବଡ଼ ଅଭିଶାପ। ସ୍ଥାନୀୟ ସୁନା ନଦୀ ଉପରେ ଏକ ପୋଲ ନଥିବା ଯୋଗୁଁ ଏଠିକାର ଲୋକେ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ପ୍ରତିବର୍ଷ ବର୍ଷା ଦିନ ଆସିଲେ ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ଗ୍ରାମବାସୀଙ୍କ ମନରେ ଛନକା ପଶିଯାଏ।ଗତ ୨୦୨୫ ବର୍ଷା ଦିନରେ ବନ୍ୟା ପରିସ୍ଥିତି ଏଭଳି ଭୟଙ୍କର ରୂପ ନେଇଥିଲା ଯାହା ସମସ୍ତ ଓଡିଶା ବାସୀ ଦେଖିଛନ୍ତି । ପ୍ରଶାସନକୁ ନିଜେ ରାତି ଅନିଦ୍ରା ହୋଇ ବିପନ୍ନ ଲୋକଙ୍କ ପାଖକୁ ଜରୁରୀ ସାମଗ୍ରୀ ପହଞ୍ଚାଇବାକୁ ପଡ଼ିଥିଲା। ଏହା ପରେ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା ଏବଂ ଜଳ ବିଭାଗ ପକ୍ଷରୁ ସର୍ଭେ କରାଯାଇ ପୋଲ ନିର୍ମାଣ ପାଇଁ ପ୍ରାୟ ୬ କୋଟି ଟଙ୍କାର ଅଟକଳ ମୂଲ୍ୟ ମଧ୍ୟ ମଞ୍ଜୁର କରାଯାଇଥିଲା। କିନ୍ତୁ ବିଭାଗ ତରଫରୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯାଇନଥିଲା । ଅକ୍ଟୋବର ୨୦୨୫ରେ କୋଇଡା ବ୍ଲକ ଉନ୍ନୟନ ଅଧିକାରୀ ଙ୍କ ପକ୍ଷରୁ ଏହି ପୋଲ ପାଇଁ ଟେଣ୍ଡର ପ୍ରକ୍ରିୟା ଉଦେଶ୍ୟ ରେ ଜିଲ୍ଲାପାଳଙ୍କୁ ଚିଠି (Letter No. 2834) ମଧ୍ୟ ଦିଆଯାଇଥିଲା । କିନ୍ତୁ କିଛି ସୁଫଳ



ନମିବାରୁ,ଜାନୁଆରୀ ୧୨, ୨୦୨୬ ରେ କୋଇଡା ରେ ଅନୁଷ୍ଠିତ ଜିଲ୍ଲାପାଳ ମିଳିତ ଜନଶୁଣାଣି ଶିବିରରେ ଗ୍ରାମର ୱାର୍ଡ ମେମ୍ବର(୧୧) ଗୋମାରୀ ମୁଣ୍ଡା ଓ ଅନ୍ୟ ଗ୍ରାମବାସୀମାନେ ଏହି ବିଷୟ ଉପରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।ସେହି ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୂଚନା ଦେଇଥିଲେ ମାସେ ମଧ୍ୟରେ କାମ ଆରମ୍ଭ କରିବେ ଏବଂ ଜିଲ୍ଲାପାଳ ମଧ୍ୟ ତୁରନ୍ତ କାର୍ଯ୍ୟାରମ୍ଭ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଦୁଃଖର ବିଷୟ, ପ୍ରଶାସନର ସମସ୍ତ ପ୍ରତିଶ୍ରୁତି କେବଳ କାଗଜପତ୍ରରେ ସୀମିତ ରହିଯାଇଛି। ଇତି ମଧ୍ୟରେ ୪ମାସ ବିତିଯାଇଥିଲେ ସୁଦ୍ଧା କାମ ଆରମ୍ଭ ହୋଇପାରିଲା ନାହିଁ। ଆଗକୁ ବର୍ଷା ଦିନ ଆସୁଥିବାରୁ ଆତଙ୍କିତ ହୋଇ ଗ୍ରାମର ପାଇକି ଗାଗ୍ରାଇ ଓ ଅନ୍ୟ ଗ୍ରାମବାସୀମାନେ ମେ' ୦୬, ୨୦୨୬ ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ର ଦ୍ୱାରସ୍ଥ ହୋଇଥିଲେ (Ticket No: CMO20261595540)। ସେଠାରୁ ସେମାନେ ଜାଣିବାକୁ ପାଇଲେ ଏହି ଫାଇଲଟି ବର୍ତ୍ତମାନ ରାଉରକେଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଫାଇଲ୍ ନଥି ତଳେ ପଡି ରହିଛି । ଏଠାରେ ପ୍ରଶ୍ନ ଉଠୁଛି ବିଭାଗ ଯଦି ଜିଲ୍ଲାପାଳଙ୍କ ଆଦେଶକୁ ଅବମାନନକ୍ଷ କରିବେ ଲୋକେ ଗୁହାରି କରିବେ କେଉଁଠି ଏହି ବିଷୟ ରେ ଗ୍ରାମବାସୀ ପଚାରିବାରୁ ସେମାନେ କହିଛନ୍ତି: ବର୍ଷା ଦିନ ପୂର୍ବରୁ ଏହି ପୋଲ କାମ ଆରମ୍ଭ କରାନଯାଏ ତେବେ ଆମେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବୁ ବୋଲି ସେମାନେ କହିଛନ୍ତି ।

ଡାହୁକ

ଦରମା ମିଳିନି ଫଳ ମୂଳ ଦର
ହୋଇଛି ଆକାଶ ଛୁଆଁ
ନ କିଣି ପାରିଲେ ସାବିତ୍ରୀଟା ମୋର
ଘରୋ ଲଗେଇବ ନିଆଁ
ଋଣ ଭାରେ ପଛେ ବୁଡ଼ି ମୁଁ କିଣିବି
କରିବି ତା ପେଟ ଭର୍ତ୍ତି
ଫଳମୂଳ ଯଦି ନ ଖାଏ ସାବିତ୍ର
ଯମଠୁ ହେବନି ବର୍ତ୍ତି। -ବିଧୁ

ରାଜଗାଙ୍ଗପୁର/ବଡ଼ଗାଁ ପୋଲିସକୁ ମିଳିଲା ବଡ଼ ସଫଳତା

ରାଜଗାଙ୍ଗପୁର,୧୭।୫: ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅନ୍ତର୍ଗତ ତୁଡାଲଗା ବିଜୁ ରାଜ୍ୟ ରାଜପଥ ଦେଇ ସୁନ୍ଦରଗଡ଼ ପଟୁ ରାଉରକେଲା ଅଭିମୁଖେ ଯାଉଥିବା ଡଷ୍ଟର ଗାଡ଼ି ବାଇକ୍ ଆରୋହୀ କୁ ଧକ୍କା ଦେଲା ପରେ ଦ୍ରୁତ ଗତିରେ ପଳେଇବା ସମୟରେ ପୋଲିସ ପେଟ୍ରୋଲିଂ ଗାଡ଼ିପିଛା କରିବାରୁ କାର ଡ୍ରାଇଭର ଖୁଟମୁଣ୍ଡା ନିକଟରେ କାର ଛାଡ଼ିଫେରାର ହୋଇଯାଇଥିଲା ଉକ୍ତ ଘଟଣା ସମ୍ପର୍କରେ ପେଟ୍ରୋଲିଂ ପୋଲିସ ବଡ଼ଗାଁ ଥାନା ଅଧିକାରୀ ଙ୍କୁ ସୁଚନା ଦେଇଥିଲେ ବଡ଼ଗାଁ ଥାନା ଅଧିକାରୀ ଓ ପୋଲିସ ଟିମ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର ଯାଞ୍ଚ ସମୟରେ ସେଥିରେ ଗଞ୍ଜେଇ ବାସ୍ନା ବାହାରିବାରୁ ଥାନା ଅଧିକାରୀ ମାଜିଷ୍ଟ୍ରେଟ କୁ ସୁଚନା



ଦେଇଥିଲେ। ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତିରେ କାର ଭିତରୁ ୧୪୯ କେଜି ଗଞ୍ଜେଇ ପେକେଟ ଜବତ କରି ପିଏସ କେସ ନଂ ୧୪୩ ଓଡ଼ିଶା ଅବକାରୀ ଧାରା ସହ ଦୁଇ ଚକିଆ ଗାଡି ଧକ୍କା ସମ୍ବନ୍ଧରେ ବିଭିନ୍ନ କେସ ରେ ମାମଲା ରୁଜୁ କରାଯାଇ ଦୁଇ ଚକିଆ ଗାଡି ଚାଳକ ଓ ଅନ୍ୟ ଜଣେ ଯୁବକ କୁ ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାରେ ସ୍ଥାନାନ୍ତର କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଥିଲେ।